HSIL

moonbow
expect the unexpected

**PRESS MONITOR**

Publication : The Kalinga Mail
Edition : Bhubaneswar
Date : February 17, 2017

---

# ସ୍ୱଚ୍ଛ ପିଇବା ପାଣି ଉପଲବ୍ଧ ପାଇଁ ଟିଭି କମର୍ସିଆଲର ଶୁଭାରମ୍ଭ



ଭୁବନେଶ୍ୱର,୧୬।୨: ସାନିଟାରୀ ଉତ୍ପାଦ କ୍ଷେତ୍ରରେ ଦୀର୍ଘ କାରବାର ଜାରୀ ରଖିଥିବା କମ୍ପାନୀ ଏଚ୍‌ଏସ୍‌ଆଇଏଲ୍ ପକ୍ଷରୁ ଏହାର ବ୍ୟବସାୟିକ ନେଟୱାର୍କ ସମ୍ପ୍ରସାରଣ ନିମନ୍ତେ ମୁନ୍‌-ବୋ ୱାଟର ପ୍ୟୁରିଫାୟର୍ ପାଇଁ ନୂତନ ଟିଭି ବିଜ୍ଞାପନ ଆରମ୍ଭ କରାଯାଇଛି। ଏହି ବିଜ୍ଞାପନର ନାମ ରହିଛି 'ଅବ ଇଣ୍ଡିଆ ପିଏଗା ଅଚ୍ଛା'। ଏହି ବିଜ୍ଞାପନରେ ଭାରତୀୟ ନିରୀହ ଶିଶୁଙ୍କ ସାମାଜିକ-ଆର୍ଥିକ ପୃଷ୍ଠଭୂମି ଉପରେ ପ୍ରଦର୍ଶନ କରାଯାଇଛି। ଏଥିରେ 'ଅଚ୍ଛା ପାନି ଶେୟାର କରନା ଅଚ୍ଛି ଆଦତ ହେ' ବୋଲି ଦର୍ଶାଯାଇଛି। ଏହି ନୂତନ ଟିଭି ବିଜ୍ଞାପନରେ ଦେଶର ସାଧାରଣ ଜନତାଙ୍କୁ ସ୍ୱଚ୍ଛ ପିଇବା ପାଣି ଉପଲବ୍ଧ କରାଇବା ନେଇ ପ୍ରୟାସ ଆରମ୍ଭ କରାଯାଇଛି। ଏହି ଅବସରରେ ଏଚ୍‌ଏସ୍‌ଆଇଏଲର କନ୍‌ଜ୍ୟୁମର ପ୍ରଡକ୍ଟ ଡିଭିଜନ୍ ସଭାପତି ଶ୍ରୀ ରାକେଶ କାଉଲ୍ କହିଲେ, ସମ୍ପ୍ରତି ଭାରତ ସମ୍ମୁଖରେ ସ୍ୱଚ୍ଛ ପିଇବା ପାଣି ଏକ ମୁଖ୍ୟ ସମସ୍ୟା ଭାବରେ ଛିଡା ହୋଇଥିବାବେଳେ ଏହି ନୂତନ ଟିଭି ବିଜ୍ଞାପନ ଦେଶର ସାଧାରଣ ଜନତାଙ୍କ ଉପରେ ସକରାତ୍ମକ ପ୍ରଭାବ ଅନୁଭୂତ କରାଇବାକୁ ସକ୍ଷମ ହେବ। ଏହି ବିଜ୍ଞାପନ ପ୍ରାଇମ୍ ଟାଇମ୍‌ରେ ବିଭିନ୍ନ ମନୋରଞ୍ଜନ ଚ୍ୟାନେଲରେ ପ୍ରସାରିତ ହେଉଛି।" ଏହି ଟିଭି ବିଜ୍ଞାପନ ଦେଶର ସାଧାରଣ ଜନତାଙ୍କ ମଧ୍ୟରେ ଏକ ଭାବ ସୃଷ୍ଟି କରିବାକୁ ସକ୍ଷମ ହେବା ସହିତ ବିଭିନ୍ନ ସାମାଜିକ ପ୍ରତିବନ୍ଧକୁ ଉନ୍ମୁକ୍ତ କରିବାରେ ସଫଳ ହେବ।

ଏହି ଅବସରରେ ବିଜ୍ଞାପନର ନିର୍ଦ୍ଦେଶକ ଅମନ ସଚ୍ଚଦେବା କହିଛନ୍ତି ଯେ, ଆମେ ସମ୍ପ୍ରତି ଓପୋ ଫୋନ୍ ଟିଭି ବିଜ୍ଞାପନରେ ଋତିକ୍ ରୋଶନ୍, ଆକାଶ ଡିଜିଟାଲ ନେଷ୍ଟଲେ ଏବଂ ଶକ୍ତି ମସଲା ସହିତ କାର୍ଯ୍ୟ କରୁଛୁ। ମୁନ୍‌-ବୋ ସହିତ କାର୍ଯ୍ୟକରି ଆମେ ବେଶ୍ ଆନନ୍ଦିତ। ଏହି ଟିଭି ବିଜ୍ଞାପନ ସମ୍ପର୍କରେ ଟିମ୍ କଣ୍ଟ୍ରାକ୍ଟ କହିଛନ୍ତି ଯେ, ସମ୍ପ୍ରତି ବିଭିନ୍ନ ବ୍ରାଣ୍ଡ ନିଜର ଲୋକପ୍ରିୟତା ହାସଲ ପାଇଁ ଅତ୍ୟାଧୁନିକ ଜ୍ଞାନକୌଶଳର ଉପଯୋଗ କରୁଥିବାବେଳେ ମୁନ୍‌-ବୋର ଟିଭି ବିଜ୍ଞାପନ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବାକୁ ସକ୍ଷମ ହୋଇଛି।

ଏଚ୍‌ଏସ୍‌ଆଇଏଲ୍ ମୁଖ୍ୟତଃ ବିଲ୍ଡିଂ ଉତ୍ପାଦ ଏବଂ କଣ୍ଟେନର ଗ୍ଲାସ୍ କାରବାର କରୁଥିବାବେଳେ ସମ୍ପ୍ରତି ସାନିଟାରୀ ଉତ୍ପାଦ, ୱେଲନେସ୍ ଏବଂ ଆଇଏଡ୍ ଉତ୍ପାଦ ତଥା କନ୍‌ଜ୍ୟୁମର ଉତ୍ପାଦ ପ୍ରଭୃତି ଆରମ୍ଭ କରିଛି। ବଜାରରେ ଏହାର ବ୍ରାଣ୍ଡ ହିଣ୍ଡୱେର ଇଟାଲିଆନ କଲେକସନ, ହିଣ୍ଡୱେର ଆର୍ଟ, ହିଣ୍ଡୱେର ଆମୋର, ବେଞ୍ଜ୍ ଏବଂ ବେନ୍‌ଲେଭ୍ ବେଶ୍ ପରିଚିତି ହାସଲ କରିପାରିଛି।